# ପୋଲିସ୍ କମିଶନରେଟ୍ ଭୁବନେଶ୍ୱର-କଟକ

## ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ ବିଜ୍ଞାପନ

= = = = = =

ପୋଲିସ୍ କମିଶନରେଟ୍ ଅନ୍ତର୍ଗତ ଭୁବନେଶ୍ୱର-କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲା ରେ ନିମ୍ନଲିଖିତ ଖାଲିଥିବା "ଛାତ୍ର/ଛାତ୍ରୀ ସ୍ୱେଚ୍ଛାସେବୀ" ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଭୁବନେଶ୍ୱର ସହରାଞ୍ଚଳ ଆରକ୍ଷୀ ଜିଲ୍ଲା-୨୫୦ ଟି ପଦବୀ ।
କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲା-୧୨୦ ଟି ପଦବୀ ।

ଭୁବନେଶ୍ୱର ସହରାଞ୍ଚଳ ଆରକ୍ଷୀ ଜିଲ୍ଲା ପାଇଁ ଦରଖାସ୍ତ ଗୁଡ଼ିକ ଏ.ସି.ପି. ଟ୍ରାଫିକ୍, ଭୁବନେଶ୍ୱର ଓ କଟକ ସହରାଞ୍ଚଳ ଆରକ୍ଷୀ ଜିଲ୍ଲା ପାଇଁ ଦରଖାସ୍ତ ଗୁଡ଼ିକ ଏ.ସି.ପି. ଟ୍ରାଫିକ୍, କଟକଙ୍କ କାର୍ଯ୍ୟାଳୟ ରେ **୨୪.୦୭.୨୦୨୩** ରିଖ ସନ୍ଧ୍ୟା ୫ ଘଟିକା ସୁଧା ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ଦାଖଲ କରାଯାଇଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ । ଏଥିପାଇଁ ଆବଶ୍ୟକୀୟ ନିୟମାବଳୀ ଓ ଦରଖାସ୍ତ ଫର୍ମ ଭୁବନେଶ୍ୱର ଏ.ଜି. ଛକ ସ୍ଥିତ ଏ.ସି.ପି. ଟ୍ରାଫିକ୍, ଭୁବନେଶ୍ୱର ଏବଂ କଟକ ମଧୁପାଟଣା ଛକ ସ୍ଥିତ ଏ.ସି.ପି. ଟ୍ରାଫିକ୍, କଟକଙ୍କ କାର୍ଯ୍ୟାଳୟ ରେ ବିନା ମୂଲ୍ୟରେ ମିଳିବ ।

କମିଶନରେଟ୍ ପୋଲିସ୍ ୱେବସାଇଟ୍ www.bhubaneswarcuttackpolice.gov.in ରେ ମଧ୍ୟ ବିନା ମୂଲ୍ୟରେ ଉପଲବ୍ଧ ହେବ ।

ସୌମେନ୍ଦ୍ର ପ୍ରିୟଦର୍ଶୀ
ପୁଲିସ କମିଶନର
ଭୁବନେଶ୍ୱର-କଟକ
ଭୁବନେଶ୍ୱର ।

# ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ପଦବୀ ପୂରଣ ନିମନ୍ତେ ଆବଶ୍ୟକୀୟ ନିୟମାବଳୀ

୧. ଦରଖାସ୍ତକାରୀ ଓଡ଼ିଶା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ଭୁବନେଶ୍ୱର କିମ୍ବା କଟକ ସ୍ଥିତ ଯେକୌଣସି ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟର ଛାତ୍ର/ଛାତ୍ରୀ ହୋଇଥିବେ ।

୨. ଦରଖାସ୍ତକାରୀ ଭାରତୀୟ ନାଗରିକ ହୋଇଥିବେ ।

୩. ଦରଖାସ୍ତକାରୀଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ।

୪. ସେ ଶାରୀରିକ, ମାନସିକ ଓ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଟ୍ରାଫିକ୍ ପରିଚାଳନା ପାଇଁ ସକ୍ଷମ ହୋଇଥିବେ ।

୫. ଦରଖାସ୍ତକାରୀ ଯୋଗ୍ୟତମ ଉଚ୍ଚତା ବିଶିଷ୍ଟ ହୋଇଥିବା ଆବଶ୍ୟକ ।

୬. ଟ୍ରାଫିକ୍ କାର୍ଯ୍ୟ ରେ ନିୟୋଜିତ ଥିବା ବେଳେ ଟ୍ରାଫିକ୍ ପୁଲିସ ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନିବେ ଏବଂ ନିଜର ଇଚ୍ଛା ମୁତାବକ କୌଣସି କାର୍ଯ୍ୟ କରିବେ ନାହିଁ ।

୭. ଦରଖାସ୍ତ ଫର୍ମରେ ଦରଖାସ୍ତକାରୀ ଡ୍ୟୁଟି କରିବା ଲାଗି ନିଜ ପସନ୍ଦର ୩ ଗୋଟି ଟ୍ରାଫିକ୍ ଛକର ନାମ ଦେବେ ଏବଂ ଡ୍ୟୁଟି କରିବାର ସମୟ ଯଥା :- ସକାଳ ୯ ଟାରୁ ମଧ୍ୟାହ୍ନ ୧୨ ଟା କିମ୍ବା ସନ୍ଧ୍ୟା ୫ ଟାରୁ ରାତ୍ର ୮ ଟା ମଧ୍ୟରୁ ଗୋଟିଏ ବାଛିବେ ।

୮. ଦରଖାସ୍ତରେ ଦରଖାସ୍ତକାରୀଙ୍କ ସ୍ୱାକ୍ଷର ସହିତ ନିଜ ଅଞ୍ଚଳର କିମ୍ବା ବିଦ୍ୟାଳୟର ୨ ଜଣ ଭଦ୍ର ବ୍ୟକ୍ତିଙ୍କର ସ୍ୱାକ୍ଷର ସହିତ କଲେଜ ଅଧ୍ୟକ୍ଷଙ୍କର ସ୍ୱାକ୍ଷର ନିଶ୍ଚିତଭାବେ ରହିବା ଆବଶ୍ୟକ ।

୯. କୌଣସି ଫୌଜଦାରୀ ମାମଲାରେ ସମ୍ପୃକ୍ତ ନଥିବେ ।

୧୦.ପ୍ରାର୍ଥୀ ଉତ୍ତମ ଚରିତ୍ରର ହୋଇଥିବେ ଏବଂ ଭଲ ଚରିତ୍ର ବିଷୟରେ କଲେଜ ଅଧ୍ୟକ୍ଷଙ୍କ ଦ୍ୱାରା ଦରଖାସ୍ତରେ ଅନୁପ୍ରାଣିତ ହୋଇଥିବେ ।

୧୧. ପ୍ରାର୍ଥୀଙ୍କର ନିଜ ନାମରେ ଜାତୀୟ ବ୍ୟାଙ୍କ ରେ ଜମାଖାତା ଥିବା ଆବଶ୍ୟକ ।

୧୨. ପ୍ରାର୍ଥୀ କେବେ ନିଜ କାର୍ଯ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଆନ୍ଦୋଳନାତ୍ମକ/ବିକ୍ଷୋଭ ପ୍ରଦର୍ଶନ କରିବେ ନାହିଁ ।

୧୩.ପ୍ରାର୍ଥୀ କାର୍ଯ୍ୟ କରୁଥିବା ସମୟରେ ପଦଚାରୀ ମାନଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ସହିତ ନିଜେ ଅନୁଶାସିତ ହୋଇ ରହିବେ ।

୧୪.ଟ୍ରାଫିକ୍ ରେ କାର୍ଯ୍ୟରତ ସମୟରେ ପୁଲିସ କମିଶନରେଟ୍ ଲୋଗୋ ଥିବା ଟି-ସାର୍ଟ ଏବଂ ଟୋପି ପରିଧାନ କରିବେ ।

୧୫.ପ୍ରତ୍ୟେକ ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀଙ୍କର କାର୍ଯ୍ୟ କରିବାର ଅବଧି ୧ ବର୍ଷ ଅଟେ । ଏହା ତାଙ୍କର କାର୍ଯ୍ୟ କରିବାର ଦକ୍ଷତା ଏବଂ ଅନୁଶାସନକୁ ଦେଖି ବୃଦ୍ଧି କରାଯାଇପାରିବ । ଏହା ଏକ ସ୍ଥାୟୀ ନିଯୁକ୍ତି ନୁହେଁ ।

୧୬.ଯଦି କୌଣସି ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ଟ୍ରାଫିକ୍ ନିୟନ୍ତ୍ରଣ କାର୍ଯ୍ୟ କରିବା ସମୟରେ ଯଦି କୌଣସି ଦୁର୍ଘଟଣା ଜନିତ କ୍ଷୟକ୍ଷତି ହୁଏ ସେଥିପାଇଁ କୌଣସି ପୁଲିସ ଅଧିକାରୀ ଦାୟୀ ରହିବେ ନାହିଁ ।

୧୭.ଯଦି କୌଣସି ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ଉପରୋକ୍ତ ନିୟମାବଳିକୁ ଉଲଂଘନ କିମ୍ବା ବିଶୃଙ୍ଖଳା ଜନିତ କାର୍ଯ୍ୟ କରିବେ ଯେକୌଣସି ସମୟରେ ସେମାନଙ୍କୁ ବହିଷ୍କାର କରାଯାଇପାରିବ।

୧୮.ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ଦରଖାସ୍ତ ସମ୍ପୂର୍ଣ୍ଣ ଓ ସଠିକ ଭାବରେ ପୂରଣ କରିବା ସହ ସାକ୍ଷୀ ଓ ଶିକ୍ଷା ଅନୁଷ୍ଠାନର ମୁଖ୍ୟଙ୍କ ଦସ୍ତଖତ ସହିତ ଦରଖାସ୍ତ ଫର୍ମ ଗୁଡ଼ିକ ଭୁବନେଶ୍ୱର ଏ.ଜି. ଛକ ସ୍ଥିତ ଏ.ସି.ପି. ଟ୍ରାଫିକ୍, ଭୁବନେଶ୍ୱର ଏବଂ କଟକ ମଧୁପାଟଣା ଛକ ସ୍ଥିତ ଏ.ସି.ପି. ଟ୍ରାଫିକ୍, କଟକଙ୍କ କାର୍ଯ୍ୟାଳୟ ରେ ତା. **୨୪.୦୭.୨୦୨୩** ରିଖ ସନ୍ଧ୍ୟା ୫ ଘଟିକା ସୁଧା ଦାଖଲ କରିବେ ।

୧୯. ଅସମ୍ପୂର୍ଣ୍ଣ ଦରଖାସ୍ତ ଓ ନିର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକ ଗ୍ରହଣ କରାଯିବ ନାହିଁ ।

# ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ କାର୍ଯ୍ୟ କରିବା ନିମନ୍ତେ ଆବେଦନ ପତ୍ର

ଫଟୋ ଲଗାଇବା ସ୍ଥାନ

୧. ନାମ - ବୟସ -

୨. ପିତା/ସ୍ୱାମୀଙ୍କର ନାମ -

୩. ସ୍ଥାୟୀ ଠିକଣା –

ଗ୍ରାମ - ପୋ- ଥାନା –

ଜିଲ୍ଲା - ପିନ୍-

୪. ବର୍ତ୍ତମାନ ଠିକଣା –

ଗ୍ରାମ - ପୋ- ଥାନା –

ଜିଲ୍ଲା - ପିନ୍-

୫. ଚିହ୍ନଟ ନିମନ୍ତେ ଶରୀରରେ ଥିବା ଦାଗ -

୬. ଶିକ୍ଷାଗତ ଯୋଗ୍ୟତା -

୭. କଲେଜ/ମହାବିଦ୍ୟାଳୟର ନାମ ଓ ଶ୍ରେଣୀ -

୮. ଯୋଗାଯୋଗ ନିମନ୍ତେ ମୋବାଇଲ୍ ନମ୍ବର -

୯. ଡ୍ୟୁଟି ନିମନ୍ତେ ନିଜ ପସନ୍ଦର ୩ ଗୋଟି ଛକର ନାମ ଓ ସମୟ -

୧୦.ବ୍ୟାଙ୍କ ଜମାଖାତାର ନମ୍ବର - (ବ୍ୟାଙ୍କ ଜମାଖାତାର ନକଲ ସଲଗ୍ନ କରିବେ)

## ଘୋଷଣାନାମା

ମୁଁ ଶ୍ରୀ/ଶ୍ରୀମତୀ/କୁମାରୀ.. ବୟସ.. ବର୍ଷ

ପିତା/ସ୍ୱାମୀ.. ଗ୍ରାମ.. ପୋ..

ଥାନା.. ଜିଲ୍ଲା.. ପିନ୍..

ବର୍ତମାନ ଠିକଣା- ଗ୍ରାମ.. ପୋ.. ଥାନା..

ଜିଲ୍ଲା.. ପିନ୍.. , ଭୁବନେଶ୍ୱର ଏତଦ୍ୱାରା ଘୋଷଣା କରୁଅଛି କି ମୁଁ ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ବୃତିଗତ ଯୋଜନାକୁ ଭଲଭାବେ ବୁଝିଅଛି । ଏହା ଏକ ସମ୍ପୂର୍ଣ ସ୍ୱେଚ୍ଛାସେବୀ କାର୍ଯ୍ୟ ଅଟେ । ଏହା ଏକ ସ୍ଥାୟୀ ନିଯୁକ୍ତି ନୁହେଁ । ମୁଁ ଏହା ବୁଝିଅଛି ଯେ ଏହା ଏକ ଶାରୀରିକ ଭାବେ କ୍ଳାନ୍ତି ସୃଷ୍ଟିକାରୀ ଓ ବିପଦପୂର୍ଣ କାର୍ଯ୍ୟ ଅଟେ । ମୁଁ ମୋ ନିଜ ଇଛାରେ ସାଧାରଣ ଜନତାଙ୍କର ସେବା କରିବା ନିମନ୍ତେ ଆଗ୍ରହୀ ଅଟେ । କୌଣସି ବ୍ୟକ୍ତି/ଅନୁଷ୍ଠାନ ମୋତେ ଏହି କାର୍ଯ୍ୟ କରିବା ନିମନ୍ତେ ବାଧ କରିନାହାନ୍ତି । ତେଣୁ ଏହି ସ୍ୱେଚ୍ଛାସେବୀ କାର୍ଯ୍ୟ ସମ୍ପାଦନ ସମୟରେ କୌଣସି ପ୍ରକାରର ଦୁର୍ଘଟଣା ପାଇଁ କେହି ଦାୟୀ ହେବେ ନାହିଁ ।

ମୁଁ ଉପରୋକ୍ତ ନିୟମାବଳୀକୁ ପଢି ବୁଝିଅଛି । ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ମୁଁ ନିଜ ଇଚ୍ଛାରେ ସମସ୍ତ ସର୍ତ୍ତକୁ ପାଳନ କରିବା ନିମନ୍ତେ ସମ୍ମତି ପ୍ରଦାନ କରୁଅଛି । ମୁଁ ଏତଦ୍ୱାରା ଘୋଷଣା କରୁଅଛି କି ମୁଁ କୌଣସି ଫୌଜଦାରୀ ମାମଲାରେ ଜଡ଼ିତ ନାହିଁ କିମ୍ବା କୌଣସି ମାମଲା ମୋ ବିରୁଦ୍ଧରେ ଥାନା କିମ୍ବା କୋର୍ଟରେ ବିଚାରଧିନ ନାହିଁ ।

ମୁଁ ଏତଦ୍ୱାରା ଘୋଷଣା କରୁଅଛି କି ଉପରୋକ୍ତ ତଥ୍ୟ ଗୁଡ଼ିକ ସମ୍ପୂର୍ଣ୍ଣ ସତ୍ୟ ଅଟେ ।

**ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର**

୧. ପ୍ରଥମ ସାକ୍ଷୀଙ୍କ ସ୍ୱାକ୍ଷର –

ମୋବାଇଲ୍ ନମ୍ବର –

୨. ଦ୍ୱିତୀୟ ସାକ୍ଷୀଙ୍କ ସ୍ୱାକ୍ଷର –

ମୋବାଇଲ୍ ନମ୍ବର -

## <u>ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ ମୁଖ୍ୟଙ୍କ ଘୋଷଣାନାମା</u>

ମୁଁ ଅଧକ୍ଷ/ମୁଖ୍ୟ ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟ ଏତଦ୍ୱାରା ପ୍ରମାଣିତ କରୁଅଛି ଯେ ଶ୍ରୀ/ଶ୍ରୀମତୀ/କୁମାରୀ

ବୟସ ବର୍ଷ ପିତା/ସ୍ୱାମୀ - ଗ୍ରାମ-

ପୋ- ଥାନା- ଜିଲ୍ଲା- ପିନ୍-

ଆମ୍ଭ ଅନୁଷ୍ଠାନର ମସିହା ଠାରୁ ଜଣେ ଉତ୍ତମ ଚରିତ୍ର ଛାତ୍ର/ଛାତ୍ରୀ ଅଟନ୍ତି । ସେ ଛାତ୍ର/ଛାତ୍ରୀ ଟ୍ରାଫିକ୍ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟ ପାଇଁ ଇଚ୍ଛୁକ ଅଟନ୍ତି ଏବଂ ତାଙ୍କୁ ଏହି କାର୍ଯ୍ୟ କରିବା ପାଇଁ କେହି ବାଧ କରିନାହାନ୍ତି ।

**ଅନୁଷ୍ଠାନ ମୁଖ୍ୟଙ୍କ ସ୍ୱାକ୍ଷର**